ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଶ୍ରୀ ସୁରଜ ଭାନ୍.

ଅକ୍ଟୋବର 30, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଅନୁକମ୍ପାମୂଳକ ନିଯୁକ୍ତି—ଚାଳକ ଭାରୀ ଯାନ ଚଳାଇବା ପାଇଁ ଅନୁପଯୁକ୍ତ ଘୋଷିତ ହେଲେ—ଅବସର ନେବା ପରେ ଅନୁକମ୍ପା ଆଧାରରେ ତାଙ୍କ ପୁଅର ନିଯୁକ୍ତି ମାଗିଥିଲେ—ଉଚ୍ଚ ନ୍ୟାୟାଳୟଙ୍କ ନିଯୁକ୍ତି ନିର୍ଦ୍ଦେଶ—ଅପିଲରେ, ଦର୍ଶାଯାଇଛି, ଅନୁକମ୍ପା ନିଯୁକ୍ତିର ନିୟମାବଳୀ ପ୍ରଯୁଜ୍ୟ ନୁହେଁ । ଏହି ଆଧାରରେ ଅକ୍ଷମ ଚାଳକଙ୍କ ପୁଅକୁ ନିଯୁକ୍ତି ଦିଆଯାଇପାରିବ ନାହିଁ—ସେ ନିଯୁକ୍ତି ପାଇଁ ବିଜ୍ଞାପନର ଜବାବରେ ଆବେଦନ କରିପାରିବେ—ଯଦି ବୟସ-ବାରଣ କରେ, ଅପିଲକାରୀ-ରାଜ୍ୟଙ୍କ ସେବାରେ ବିତାଇଥିବା ସମୟ କୋହଳ ପାଇଁ ବିଚାର କରାଯିବ ।*

*ହରିୟାଣା ରାଜ୍ୟ ବନାମ ହାୱା ସିଂ,* **[1995] 2 SCALE 77** ଏବଂ *ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ ବନାମ ସୁରଜିତ ସିଂ,* **[1996] 5 SCALE 493 ଉପରେ ଭରସା କରିଥିଲେ ।**

ଆନନ୍ଦ ବିହାରୀ ଏବଂ ଅନ୍ୟମାନେ ବନାମ *ଆର୍.ଏସ୍.ଆର୍.ଟି.ସି.,* ଜୟପୁର, **[1991] 1 ଏସ୍.ସି.ସି. 371; ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 14583/1996 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 6291/1993ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 16.8.94ର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ପ୍ରେମ ମଲ୍‌ହୋତ୍ରା ।

ଉତ୍ତରଦାତାଙ୍କ ପାଇଁ ଉଗ୍ର ଶଙ୍କର ପ୍ରସାଦ ଏବଂ ଆର୍.ପି.ଏ. ଜୈସୱାଲ ।

## ହରିୟାଣା ରାଜ୍ୟ ବନାମ ସୁରଜ ଭାନ୍

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା ।

ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟଙ୍କ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ନଭେମ୍ବର 1, 1970ରେ ଅପିଲକାରୀ-ନିଗମ ସହିତ ଉତ୍ତରଦାତାଙ୍କୁ ଚାଳକ ଭାବରେ ନିଯୁକ୍ତ କରାଯାଇଥିଲା । ଅଗଷ୍ଟ 7, 1992 ତାରିଖର କାର୍ଯ୍ୟାନୁଷ୍ଠାନ ଦ୍ୱାରା ତାଙ୍କୁ ଭାରୀ ଯାନ ଚଳାଇବା ପାଇଁ ଅଯୋଗ୍ୟ ଘୋଷଣା କରାଯାଇଥିଲା । ଏହା ଜଣାପଡୁଛି ଯେ, ତାଙ୍କୁ ସେବାରେ ସମ୍ପ୍ରସାରଣ ଦିଆଯାଇଥିଲା ଏବଂ ସେ 16.10.1995ରେ ସେବାରୁ ଅବସର ନେଇଥିଲେ । ଇତି ମଧ୍ୟରେ, ସେ ଜଣେ ଉପଲକ୍ଷିତ କର୍ମଚାରୀ ହୋଇଥିବାରୁ ସେ ତାଙ୍କ ପୁଅକୁ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ, । ଯେହେତୁ ଅପିଲକାରୀ ତାଙ୍କୁ ନିଯୁକ୍ତ କରିନଥିଲେ, ସେ ରିଟ୍ ଆବେଦନ ସଂଖ୍ୟା 6291/93 ଦାଖଲ କରିଥିଲେ । ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟ 16 ଅଗଷ୍ଟ 1995 ତାରିଖରେ ତାଙ୍କ ରାୟ ଦ୍ୱାରା ଅପିଲକାରୀଙ୍କୁ ଅନୁକମ୍ପା ଭିତ୍ତିରେ ତାଙ୍କ ପୁଅକୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ, ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

*ହରିୟାଣା ରାଜ୍ୟ ବନାମ ହାୱା ସିଂ,* [1995] (2) SCALE 77 ମାମଲାରେ, ଏହି ନ୍ୟାୟାଳୟଙ୍କ ତିନି ଜଣ ବିଚାରପତିଙ୍କ ଏକ ବିଚାରପୀଠ ସମାନ ପ୍ରଶ୍ନ ଉପରେ ବିଚାର କରିଥିଲେ । ଏଥିରେ ଉତ୍ତରଦାତାଙ୍କ ଦୃଷ୍ଟି ଶକ୍ତିରେ ତ୍ରୁଟି ଥିବାରୁ ଜିଲ୍ଲା ଚିକିତ୍ସା ଅଧିକାରୀ ତାଙ୍କୁ ଭାରୀ ଯାନବାହନ ଚଳାଇବା ପାଇଁ ଡାକ୍ତରୀ ଭାବରେ ଅଯୋଗ୍ୟ ଘୋଷଣା କରିଥିଲେ । ଡାକ୍ତରୀ ବିବୃତି ଆଧାରରେ, ଉତ୍ତରଦାତା ଅପିଲକାରୀ - ନିଗମର ସେବାରୁ ଅବସର ନେଇଥିଲେ । ତା'ପରେ ସେ ତାଙ୍କ ପୁଅକୁ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ଏହି ନ୍ୟାୟାଳୟ, *ଆନନ୍ଦ ବିହାରୀ ଏବଂ ଅନ୍ୟମାନେ ବନାମ ଆର୍.ଏସ୍.ଆର.ଟି.ସି. ଜୟପୁର,* [1991] 1 SCC 371 ରେ ଏହି ନ୍ୟାୟାଳୟଙ୍କ ଅନ୍ୟ ଏକ ରାୟକୁ ଲକ୍ଷ୍ୟ କରିବା ପରେ, ଦର୍ଶାଇଥିଲେ ଯେ, ଭାରୀ ଯାନବାହାନ ଚଲାଇବା ପାଇଁ ଡାକ୍ତରୀ ଅଯୋଗ୍ୟତା ପାଇଁ ସେବାରୁ ଅବସର ନେଇଥିବା ବ୍ୟକ୍ତିମାନଙ୍କ ପାଇଁ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ଯୋଜନା ପ୍ରଯୁଜ୍ୟ ନୁହେଁ । ଏହି ନ୍ୟାୟାଳୟ ଅନୁଚ୍ଛେଦ-6 ରେ *ଆନନ୍ଦ ବିହାରୀଙ୍କ* ଇ-ମାମଲାରେ ଅନୁପାତ ସ୍ପଷ୍ଟ କରିଥିଲେ ଏବଂ କହିଥିଲେ ଯେ, ଉଚ୍ଚ ନ୍ୟାୟାଳୟ ସେହି ମାମଲାରେ ଜଣେ ପ୍ରତିବାଦୀ-ଉତ୍ତରଦାତାଙ୍କୁ ସେମାନଙ୍କ

ଶିକ୍ଷାଗତ ଯୋଗ୍ୟତା ସହିତ ଆନୁପାତିକ ଏକ ଉପଯୁକ୍ତ ଚାକିରି ଦେବା ପାଇଁ ନିର୍ଦ୍ଦେଶ ଦେବା ଯଥାର୍ଥ ନୁହେଁ । ତେଣୁ, *ଆନନ୍ଦ ବିହାରୀଙ୍କ* ମାମଲାରେ ପଦ୍ଧତିକୁ ଅନୁମୋଦନ କରାଯାଇ ନଥିଲା ଏବଂ ଏହା ଦର୍ଶାଯାଇଥିଲା ଯେ, କେବଳ ବ୍ୟତିକ୍ରମ ପରିସ୍ଥିତିରେ, ଯେଉଁଠାରେ ସେମାନଙ୍କୁ କୌଣସି ବିକଳ୍ପ ସେବାରେ ବ୍ୟବସ୍ଥିତ କରାଇବା ସମ୍ଭବ ନୁହେଁ, ସ୍ୱାସ୍ଥ୍ୟଗତ ଭାବେ ଅଯୋଗ୍ୟ ଘୋଷିତ ଚାଳକଙ୍କୁ *ଆନନ୍ଦ ବିହାରୀଙ୍କ* ମାମଲାରେ ସୂଚିତ କ୍ଷତିପୂରଣ ଦିଆଯାଇପାରିବ କିନ୍ତୁ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ଦିଆଯାଇପାରିବ ନାହିଁ ।

*ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ ବନାମ ସୁରଜିତ ସିଂ,* [1996] 5 SCALE 493 ରେ, ଏହି ନ୍ୟାୟାଳୟ ସମାନ ପ୍ରଶ୍ନକୁ ବିଚାର କରିଥିଲେ ଏବଂ ଦର୍ଶାଇଲେ ଯେ, ଭାରୀ ଯାନବାହନ ଚଲାଇବା ପାଇଁ ଦୃଷ୍ଟିଶକ୍ତି ଅକ୍ଷମ ଥିବା ଚାଳକଙ୍କ ପାଇଁ ଅନୁକମ୍ପା ନିଯୁକ୍ତିର ନିୟମାବଳୀ ପ୍ରଯୁଜ୍ୟ ନୁହେଁ ଏବଂ ତେଣୁ, ଏପରି ଅକ୍ଷମ ଚାଳକଙ୍କ ପୁଅକୁ ଅନୁକମ୍ପା ଭିତ୍ତିରେ ନିଯୁକ୍ତି ଦିଆଯାଇପାରିବ ନାହିଁ ।

ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତା ରାୟର ଅନୁଚ୍ଛେଦ 6 ଉପରେ ଭରସା କରିବାକୁ ଅନୁରୋଧ କରିଥିଲେ ଯେଉଁଠାରେ ଏହି ନ୍ୟାୟାଳୟ ଦର୍ଶାଇଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶରେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ କାରଣ ଅପିଲକାରୀଙ୍କ ଅଧିବକ୍ତାଙ୍କ ଦ୍ୱାରା ଦିଆଯାଇଥିବା ରିହାତି ଅନୁଯାୟୀ ଉତ୍ତରଦାତାଙ୍କ ପୁଅର ମାମଲା ବିଚାର କରାଯିବ । ତଦନୁସାରେ, ତାଙ୍କ ମାମଲା ବିଚାର କରାଯାଇଥିଲା ଏବଂ ନିଯୁକ୍ତି କରାଯାଇଥିଲା ଏବଂ ତେଣୁ, ଉତ୍ତରଦାତାଙ୍କ ପୁଅକୁ ମଧ୍ୟ ଏଠାରେ ସମାନ ସୁବିଧା ଦିଆଯାଇପାରେ । *ସୁରଜିତ ସିଂଙ୍କ ମାମଲାରେ ହାୱା ସିଂଙ୍କ* ମାମଲା ଏହି ନ୍ୟାୟାଳୟଙ୍କ ଦୃଷ୍ଟିକୁ ଅଣାଯାଇ ନଥିଲା । *ସୁରଜିତ ସିଂଙ୍କ ମାମଲାରେ* (ପୂର୍ବୋକ୍ତ), ଏହି ନ୍ୟାୟଳୟ ନିର୍ଦ୍ଦିଷ୍ଟ ଭାବରେ ଆଇନ ନିର୍ଦ୍ଧାରିତ କରିଥିଲେ ଯେ, ଯେହେତୁ ଆଇନଟି ପ୍ରଥମ ଥର ପାଇଁ ନିର୍ଦ୍ଧାରିତ ହୋଇଥିଲା, ସେହି କ୍ଷେତ୍ରରେ ଏହା ଦର୍ଶାଯାଇଥିଲା ଯେ, ସେହି ମାମଲାରେ ହସ୍ତକ୍ଷେପ ନକରିବା ପାଇଁ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ଅର୍ଥ କରାଯିବ ନାହିଁ । ସେହି ପରିସ୍ଥିତିଗୁଡିକ ଅନୁସାରେ, ଆକ୍ଷେପିତ ନିର୍ଦ୍ଦେଶନାମା ହେତୁ ନିଯୁକ୍ତ ହୋଇଥିବା ତାଙ୍କ ପୁଅକୁ ସେବାରେ ରହିବାକୁ ଅନୁମତି ଦେବା ପାଇଁ ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତିକୁ ସ୍ୱୀକାର କରିବା କଷ୍ଟକର ଅଟେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ରଦ୍ଦ କରାଯାଇଛି । ଯଦି ଏବଂ ଯେତେବେଳେ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ଦିଆଯାଏ, ଉତ୍ତରଦାତାଙ୍କ

ପୁଅ ଯେକୌଣସି ନିଯୁକ୍ତି ପାଇଁ ଆବେଦନ କରିବାକୁ ଉନ୍ମୁକ୍ତ ଅଟନ୍ତି । ସେହି ଉଦ୍ଦେଶ୍ୟରେ, ଯଦି ଏବଂ ଯେତେବେଳେ ସେ ନିୟମାବଳୀ ଅନୁଯାୟୀ ଚୟନ କରିବାକୁ ଚାହାଁନ୍ତି, ଯଦି ସେହି ସମୟ ସୁଦ୍ଧା ତାଙ୍କୁ ବୟସ ବାରଣ ହୋଇଥାଏ, ଅପିଲକାରୀଙ୍କ ସେବାରେ ବିତାଇଥିବା ସମୟ କୋହଳ ପାଇଁ ବିଚାର କରାଯିବ । ବିନା ଖର୍ଚ୍ଚରେ । ଅପିଲକୁ ଅନୁମତି ଦିଆଗଲା ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

—— o ——

<u>ଅସ୍ୱୀକରଣ:</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

<u>ଅନୁବାଦକ</u>

ଯୋଗେଶ୍ୱର ହୋତା

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।